# ଭଦ୍ରକ ଅଂଚଳରେ ପ୍ରଚଳିତ ଓଡିଆ ଲୋକନାଟକ

ନାଟକ ହେଉ ବା ଲୋକନାଟକ; ଏହାର ମୁଖ୍ୟ ଉଦ୍ଦେଶ୍ୟ ଆନନ୍ଦଦାନ । ପାଠକକୁ / ଦର୍ଶକକୁ ଆନନ୍ଦ ପ୍ରଦାନ କରିବା ଲକ୍ଷ୍ୟରେ ଏହାର ସୃଷ୍ଟି । ଏ ସଂପର୍କରେ 'ଓଡିଆ ନାଟ୍ୟକଳା' ପୁସ୍ତକରେ ସୁସମାଲୋଚକ ଗିରିକା ଶଂକର ରାୟ କହିଛନ୍ତି, "ଅନ୍ୟକୁ ଅନୁକରଣ କରିବା ବା ଅଭିନୟ କରିବା ମନୁଷ୍ୟର ସହଜାତ ଓ ସ୍ୱାଭାବିକ ପ୍ରବୃତି, ତେଣୁ ଅଭିନେତାମାନେ ଅଭିନୟ କରି ନିଜେ ଆନନ୍ଦ ପାଆନ୍ତି ଓ ଅପରକୁ ଆନନ୍ଦ ଦାନ କରିବାକୁ ସମର୍ଥ ହୋଇଥାନ୍ତି । ଅନ୍ୟପ୍ରକାର ସାହିତ୍ୟରେ କେବଳ ଦୁଇଗୋଟି ପକ୍ଷ ସାମୟିକ ଆନନ୍ଦ ଲାଭ କରିପାରେ, ମାତ୍ର ନାଟକରେ ଅଭିନୟ କାଳରେ ଲେଖକ, ଅଭିନେତା ଓ ଦର୍ଶକ ଏହି ତିନି ଶ୍ରେଣୀର ଲୋକ ଯୁଗପତ୍ ଆନନ୍ଦ ପାଇପାରନ୍ତି । x x x ପୁଣି ରଂଗମଂଚରେ ଅଭିନୟ ଦର୍ଶନ ନିମନ୍ତେ ବହୁଲୋକ ଏକତ୍ରିତ ହୋଇ ଦୁଇ ତିନି ଘଂଟା ବିମଳ ଆନନ୍ଦ ଉପଭୋଗ କରିପାରନ୍ତି । ବାସ୍ତବରେ ଅନେକ ଲୋକଂକୁ ଏକତ୍ର କିଛି ସମୟ ଆନନ୍ଦ ଦେବା ନିମନ୍ତେ ସାହିତ୍ୟର ନାନା ବିଭାଗ ମଧ୍ୟରେ ନାଟକ ହିଁ ସମର୍ଥ ଓ ଏହି କାରଣରୁ ନାଟକର ଉଦଭ ବହୁ ପ୍ରାଚୀନ କାଳରୁ ହୋଇଥିବା ସମସ୍ତେ ଅନୁମାନ କରିପାରନ୍ତି ।" (ଓଡିଆ ନାଟ୍ୟକଳା, ଗିରିଜା ଶଂକର ରାୟ, ୨ୟ ସଂକଳନ-୨୦୦୪, ପୃଷ୍ଠା-୨୩) ଲୋକନାଟକ ହେଉଛି ନାଟକର ପ୍ରାଚୀନତମ ଫର୍ମ । ନାଟକ ସୃଷ୍ଟି ସଂପର୍କରେ ଭରତଂକ ନାଟ୍ୟଶାସ୍ତ୍ର ଅନୁଯାୟୀ ବ୍ରହ୍ମା ବିଭିନ୍ନ ବେଦରୁ ନାଟକୀୟ ଉପାଦାନ ସଂଗ୍ରହ କରି ପଂଚମ ବେଦ ବା ନାଟକ ସର୍ଜନା କଲେ । ତେଣୁ ନାଟକର ସୃଷ୍ଟି ନିଶ୍ଚିତ କାହାରି ସଚେତନ ପ୍ରୟାସରୁ ହୋଇଛି ବୋଲି ଜଣାପଡେ । ମାତ୍ର ଲୋକନାଟକ କାହାରି ଦ୍ୱାରା ସୃଷ୍ଟି ହୋଇନାହିଁ; ଏହା ସଧାରଣ ମଣିଷର ବିଭିନ୍ନ ଅନୁକରଣାତ୍ମକ ପ୍ରବୃତିର କ୍ରମ ପରିଣାମ । ଏ ସଂପର୍କରେ ସମାଲୋଚକ ରତ୍ନାକର ଚଇନି ମତପୋଷଣ କରିଛନ୍ତି, "ଲୋକନାଟକ ଅଭିଜାତ ଓ ସୁସଂସ୍କୃତ ସଂପ୍ରଦାୟ ଲୋକଠାରୁ ସୃଷ୍ଟି ନ ହୋଇ ସାଧାରଣ ଜନଜୀବନରୁ ଉଦ୍ଭବ ହୋଇଥାଏ । ସାହିତ୍ୟିକ ନାଟକ ଶିଷ୍ଟବର୍ଗଙ୍କ ମନୋରଂଜନ ନିମନ୍ତେ ଉଦ୍ଦିଷ୍ଟ ଥିଲାବେଳେ, ଲୋକନାଟକ ନିଜର ସାରଲ୍ୟ ଓ ଅଯତ୍ନ ବିକଶିତ ଭାବଧରି ଶୁଷ୍କ ନିରସ ଲୋକମାନଂକୁ ଆନନ୍ଦ ମୁଖରିତ କରେ ।" (ଓଡିଆ ନାଟକର ଉଦଭ ଓ ବିକାଶ, ରତ୍ନାକର ଚଇନି, ୩ୟ ସଂକଳନ-୧୯୯୪, ପୃଷ୍ଠା-୧୯୨)

ଅନୁକରଣରୁ ଲୋକନାଟକର ସୃଷ୍ଟି । ଗଛଲତା ଓ ପଶୁପକ୍ଷୀମାନଙ୍କର ଗତିବିଧିର ଅନୁକରଣରୁ ଆଦିମ ମଣିଷ ଅଭିନୟ ଶିଖିଅଛି ବୋଲି ଅନୁମାନ କରାଯାଏ । ଏ ସଂପର୍କରେ କାଳୀଚରଣ ପଟ୍ଟନାୟକ କହନ୍ତି, "ଅନ୍ୟ ଏକ ମତ ଅନୁସାରେ ଆଦିମ ମାନବ ଯାଯାବର ଜୀବନ ଛାଡି କୃଷିଭିତିକ ସମାଜ ଗଢିବା ଅବକାଶରେ ନାଟକର ସୃଷ୍ଟି; କର୍ମସହ ସଂପୃକ୍ତ ଅଙ୍ଗଭଙ୍ଗୀରୁ ଛନ୍ଦ, ଅଭିଜ୍ଞତା ବର୍ଣ୍ଣନାରୁ କଥା ବା ଗଳ୍ପ ଓ ଆହ୍ୱାନ ଭଳି ସଂକେତରୁ ଅଭିନୟର ସୂତ୍ରପାତ ଘଟିଛି ।" ସେ ଯାହା ବି ହେଉ, ମଣିଷ ଅନୁକରଣ ପ୍ରିୟ । ଆହୁରି ମଧ୍ୟ ଆମ ସଂସ୍କୃତି ଧର୍ମକୁ ବେଶୀ ପରିମାଣରେ ପ୍ରାଧାନ୍ୟ ଦେଇଥାଏ । ରାମାୟଣ ଓ ମହାଭାରତକୁ ଏବଂ ତାର ସମସ୍ତ  ଚରିତ୍ରକୁ ଏବେ ବି ଆମେ ଉତ୍କଳୀୟମାନେ ପବିତ୍ର ଓ ଭଗବାନ ବୋଲି ମନେକରନ୍ତି । ସେହି ନ୍ୟାୟରେ ସେହି ଚରିତ୍ର ଯଥା- ରାମ, କୃଷ୍ଣ, କଂସ, ପାଣ୍ଡବ ଓ କୌରବମାନଙ୍କୁ ପୂଜା କରିବା ସହିତ ସେମାନଙ୍କର ସମସ୍ତ ଲୀଳାକୁ ଅନୁକରଣ କରି ଆନନ୍ଦ ଅନୁଭବ କରିଛି, ଏବଂ ପର ମୁହୂର୍ତରେ ଏହା ହୋଇଯାଇଛି ନାଟକର ଗୋଟିଏ ଗୋଟିଏ ଫର୍ମ । ଅଧିକାଂଶ ଭାରତୀୟ ଲୋକନାଟକ ଧର୍ମୀୟ ଉତ୍ସବ ଅନୁଷ୍ଠାନରୁ ସୃଷ୍ଟିବୋଲି ବିଶିଷ୍ଟ ସମାଲୋଚକମାନେ ମତବ୍ୟକ୍ତ କରିଛନ୍ତି । ପରିଶେଷରେ କୁହାଯାଇପାରେ; ଲୋକନାଟକ ଲୋକମାନଙ୍କର, ଲୋକମାନଙ୍କ ପାଇଁ ଓ ଲୋକମାନଙ୍କ ଦ୍ୱାରା ସୃଷ୍ଟି । ସରଳ, ଆଡମ୍ବରହୀନ ଓ ନିୟମ ବହିର୍ଭୁତ କୌଶଳ ମାଧ୍ୟମରେ ଲୋକନାଟକ ଲୋକମାନଙ୍କୁ ଆନନ୍ଦ ଦାନ କରିଥାଏ ।

ଓଡିଶାରେ ବିଭିନ୍ନ ପ୍ରକାର ଲୋକନାଟକର ପରଂପରା ରହିଛି । ଅଂଚଳ ଭେଦରେ ଏହା ଭିନ୍ନ ଭାବରେ ପାଳିତ ହୋଇଥାଏ । ଭଦ୍ରକ ଅଂଚଳରେ ପାଳିତ ହେଉଥିବା ଲୋକନାଟକ ସଂପର୍କରେ ନିମ୍ନରେ ଆଲୋଚନା କରାଗଲା ।

ଦଧି – ଭଦ୍ରକ ଓ ବାଲେଶ୍ୱର ଅଂଚଳରେ ଏହା ବିଶେଷ ଭାବରେ ପରିଲକ୍ଷିତ ହୋଇଥାଏ । ମୃତାହ କର୍ମରେ ଦଧି ହେବାର ବିଧି ରହିଛି । ମୃତ୍ୟୁର ଦ୍ୱାଦଶ ଦିନରେ ଏହା ପାଳିତ ହୋଇଥାଏ । ଏକାଦଶୀ ଦିନ କୌଣସି ଏକ ବୈଷ୍ଣବ ସଂପ୍ରଦାୟର ଲୋକ ଦ୍ୱାରା ଗାଦିପୂଜା କରାଯାଏ, ଏବଂ ବାରଦିନ ପୂର୍ବାହ୍ଣରେ ଏହା ଆରଂଭ ହୁଏ । ବ୍ରାହ୍ମଣମାନଙ୍କୁ ବାଦ ଦେଲେ ପ୍ରାୟ ସମସ୍ତଙ୍କ ଘରେ ଦଧି କରାଯାଏ । ବିଶେଷକରି ନିମ୍ନ ଶ୍ରେଣୀର ଲୋକମାନଙ୍କ ଘରେ ଏହା ପାଳନ କରାଯାଏ । ବୈଷ୍ଣବ ସଂପ୍ରଦାୟର ଲୋକମାନେ ଦଧିରେ ଅଭିନୟ

କରିବାର ବିଧି ରହିଛି । କିନ୍ତୁ ପରେପରେ ଅନ୍ୟ ସଂପ୍ରଦାୟର ଲୋକମାନେ ମଧ୍ୟ ଏଥିରେ ସାମିଲ ହେଲେଣି । ମାତ୍ର, ଯିଏ ବି ଅଭିନୟ କରୁ ନା କାହିଁକି ଜଣେ ବୈଷ୍ଣବ ଲୋକ ନିଶ୍ଚିତ ଅଭିନୟ କରିବ । କାରଣ ଦଧି ପରିସମାପ୍ତି ହେବା ପରେ ଦଧି ପାଣି କେବଳ ବୈଷ୍ଣବ ସଂପ୍ରଦାୟର ଲୋକ ହିଁ ଛିଂଚିବ । ମଝିରେ ଏକ ମଂଚ କରାଯାଇଥାଏ । ଏହି ମଂଚକୁ ଘେରି ଶହଶହ ଦର୍ଶକ ଦଧି ଦେଖିବାକୁ ବସିଥାନ୍ତି । ରାଧାକୃଷ୍ଣଙ୍କ କାହାଣୀ ଦଧିରେ ଅଭିନୀତ ହୋଇଥାଏ । ଜଣେ ପୁରୁଷ ହିଁ ରାଧା ଭୂମିକାରେ ଅଭିନୟ କରିଥାନ୍ତି । ସଂପ୍ରତି ମହିଳାମାନେ ମଧ୍ୟ ଏଥିରେ ଅଭିନୟ କଲେଣି । ରାଧିକା ଦଧିଭାଣ୍ଡ କାଖେଇ ଗୀତ ଗାଇଗାଇ ଦହି ବିକ୍ରିକରନ୍ତି । ଯଥା-

ମୋ ଦହିରେ ପଡିଛି ଅଦା / ଦହି ଦହି ବୋଲି ଡାକୁଛି ରାଧା ।

ମୋ ଦହିରେ ପଡିଛି ବାସ / ଦହି ନବ କିଏ ପାଖକୁ ଆସ ।

ମୋ ଦହି ଲାଗେ ଖଟା ମିଠା / ପଇସା ନଥିଲେ ବାକ୍ସ ଫିଟା ।

ସେହି ଦହି ପାଣିକୁ ବୈଷ୍ଣବ ଘରଘର ବୁଲି ଛିଂଚିଥାଏ, ଏବଂ ଲୋକମାନେ ଦହିହାଣ୍ଡିରେ ପଇସା ପକାଇଥାଆନ୍ତି । ପରିଶେଷରେ ଘାଟ ପାଖରେ ବାଡିରେ ପିଟି ଦଧିହାଣ୍ଡି ଭଂଗାଯାଏ । ତଳେ ପଡିଥିବା ଦହିରେ ମୁଣ୍ଡିତ ହୋଇଥିବା ଲୋକମାନେ ଗଡନ୍ତି ଏବଂ ଦଧିହାଣ୍ଡିରେ ଥିବା ପଇସା ନେଇ ଘରକୁ ଫେରନ୍ତି । ଏହା ଆମର ରୀତିନୀତି ସହିତ ସଂପୃକ୍ତ ହେଲେ ମଧ୍ୟ ଏହାର ନାଟକୀୟତା ଦର୍ଶକମାନଙ୍କୁ ଆକର୍ଷିତ କରେ ।

ପାଟୁଆଯାତ୍ରା - ପାଟୁଆ ଯାତ୍ରା ଭଦ୍ରକ ଜିଲ୍ଲା ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ପାଳନ କରାଯାଇଥାଏ । ସାଧାରଣତଃ ଚୈତ୍ର ମାସ ଶେଷ (ମାସନ୍ତ) ଓ ବୈଶାଖ ମାସ ଆରମ୍ଭ (ସଂକ୍ରାନ୍ତି)ରେ ଏହି ପର୍ବ ପାଳନ କରାଯାଇଥାଏ । ବିଭିନ୍ନ ଗ୍ରାମରେ ଏହି ଯାତ୍ରା ପାଳନ ସମୟର ସାମାନ୍ୟ ପରିବର୍ତନ ଲକ୍ଷ୍ୟ କରାଯାଏ । ଅର୍ଥାତ୍ କେଉଁଠାରେ ଏହା ମାସନ୍ତରେ ତ ଆଉ କେଉଁଠାରେ ସଂକ୍ରାନ୍ତିରେ ପାଳନ କରାଯାଇଥାଏ । ଏହି ଯାତ୍ରା ଦଶ ପନ୍ଦର ଦିନର ବ୍ୟାପୀ ହୋଇଥାଏ । ଏହାର ମୁଖ୍ୟ ଆରାଧ୍ୟ ହେଉଛନ୍ତି ଗ୍ରାମଦେବୀ । ଯେଉଁ ଗ୍ରାମରେ ଏହା ପାଳନ କରାଯାଏ ସେହି ଗ୍ରାମର ଗ୍ରାମଦେବୀଙ୍କୁ ଆରାଧନା କରାଯାଏ । ପ୍ରତ୍ୟେକ ଗ୍ରାମର

ଗ୍ରାମଦେବୀ ଭିନ୍ନ । ଗ୍ରାମଦେବୀମାନଙ୍କର ନାମ ହେଉଛି- ବାସୁଳୀ, ଜାଗୁଳୀ, ବୁଢୀ ବାସୁଳୀ, ସିଦ୍ଧ ବାସୁଳୀ, ଭଦ୍ରକାଳୀ, ପଶ୍ଚିମା, ଥାନପତି ଇତ୍ୟାଦି ।

ଦାସୀ, ଘଟ, ପାଟୁଆ, ଗାୟକ, ବାଦ୍ୟକାର, ନାବିଷଣ, ନାଚବାଲି ଇତ୍ୟାଦି ଚରିତ୍ର ଏଥିରେ ମୁଖ୍ୟତଃ ଅଂଶଗ୍ରହଣ କରିଥାନ୍ତି । ଏମାନେ ଏଥିରେ ଅଂଶଗ୍ରହଣ କଲେ ବି ପାଟୁଆମାନଙ୍କ ନାମାନୁସାରେ ଏହି ଯାତ୍ରାର ନାମ ପାଟୁଆ ଯାତ୍ରା । କେବଳ ଜନଜାତିର ଲୋକମାନେ (ବିଶେଷକରି ଧୋବା, କେଉଟ, ମଳିକ) ହିଁ ପାଟୁଆ ହୋଇଥାନ୍ତି । ସାଧାରଣ ବର୍ଗ ବା ଅନ୍ୟ କୌଣସି ଜାତିର ଲୋକମାନେ ଏଥିରେ ଅଂଶଗ୍ରହଣ କରିପାରନ୍ତି ନାହିଁ । ପାଟୁଆ ହେବାପାଇଁ ମଧ୍ୟ ଜନଜାତିର ଲୋକମାନଙ୍କର ମାନସିକ ଥାଏ ଓ ସେଇମାନଙ୍କୁ ହିଁ ଦାସୀ, ପାଟୁଆ ଭାବେ ନିର୍ବାଚିତ କରିଥାନ୍ତି । ସାଧାରଣତଃ ଦଶରୁ ପନ୍ଦର ବର୍ଷ ଭିତରେ ପିଲାମାନେ ପାଟୁଆ ହୋଇଥାନ୍ତି । ପାଟୁଆମାନେ ମଧ୍ୟ ଘଟପରି ଶାଢୀକୁ ଧୋତିଭାବେ ପିନ୍ଧିଥାନ୍ତି ଏବଂ ହାତରେ ଗୋଟିଏ ଗୋଟିଏ ବେତ ବାଡି ଧରିଥାନ୍ତି । ସେମାନେ ଘଟକୁ ଘେରି ନାଚିଥାନ୍ତି ଓ ମଝିରେ ମଝିରେ ସେମାନେ ଘଟକୁ ବାଦ୍ ଦେଇ ମଧ୍ୟ ପରସ୍ପର ନାଚିଥାନ୍ତି । ଘରକୁ ଘର ବୁଲି ଓ ଗ୍ରାମକୁ ଗ୍ରାମ ବୁଲି ଏମାନେ ନୃତ୍ୟ ପରିବେଷଣ କରିଥାନ୍ତି । ଏଥିପାଇଁ ଏହାକୁ ପାଟୁଆ ଯାତ୍ରା କୁହାଯାଏ ।

ଚୈତ୍ର ମାସନ୍ତ ବା ବୈଶାଖ ସଂକ୍ରାନ୍ତି ଦିନ ଗ୍ରାମଦେବୀଙ୍କ ସମ୍ମୁଖରେ କରାଯାଇଥିବା ମଂଚରେ ପାଟୁଆ ଯାତ୍ରା ଅନୁଷ୍ଠିତ ହୋଇଥାଏ । ପାଟୁଆ ଯାତ୍ରା ପାଇଁ ଅନ୍ୟ ଗ୍ରାମରୁ ପାଟୁଆମାନଙ୍କୁ ନିମନ୍ତ୍ରଣ କରାଯାଇଥାଏ । ଏ ଗ୍ରାମର ପାଟୁଆ ଅନ୍ୟ ଗ୍ରାମକୁ ଓ ଅନ୍ୟ ଗ୍ରାମର ପାଟୁଆ ଏ ଗ୍ରାମକୁ ନାଚିବାକୁ ଆସନ୍ତି । ଆଗରୁ ସେଇ ପାଟୁଆମାନେ ବିନା ପଇସାରେ ନାଚିବାକୁ ଆସୁଥିଲେ ବା ଯାଉଥିଲେ; ମାତ୍ର ଏବେ ସେମାନେ ଏଥିପାଇଁ ଅର୍ଥ ନେଉଛନ୍ତି । ପାଟୁଆମାନେ ବିଭିନ୍ନ ଶୈଳୀରେ ନୃତ୍ୟ ପରିବେଷଣ କରିଥାନ୍ତି । ଏହି ନୃତ୍ୟ ପରିବେଷଣ ହେଉଥିବା ସମୟରେ ସଂପୂର୍ଣ୍ଣ ଗ୍ରାମରେ ଏକ ଆନନ୍ଦର ପରିବେଶ ସୃଷ୍ଟି ହୋଇଥାଏ । ଆବାଳବୃଦ୍ଧବନିତା ଏହିପରି ଏକ ସାଂସ୍କୃତିକ ଉତ୍ସବକୁ ଆନନ୍ଦର ସହିତ ଉପଭୋଗ କରିଥାନ୍ତି । ସମଗ୍ର ଗ୍ରାମ ଉତ୍ସବ ମୁଖର ହୋଇଉଠିଥାଏ ।

ମୋଗଲ ତାମସା – ଏହା ଦୀର୍ଘ ସମୟ ଧରି ଭଦ୍ରକ ଅଂଚଳରେ ପ୍ରଚଳିତ ହୋଇଆସିଛି । ଏହା ଖୁବ୍ ଲୋକପ୍ରିୟ । ଏକ ବିଶେଷ ଧରଣର ମୁକ୍ତମଂଚ ମୋଗଲ ତାମସା

ପାଇଁ ପ୍ରସ୍ତୁତ କରାଯାଇଥାଏ । ଏକ ପାଖରେ ଉଚ୍ଚ ସ୍ଥାନରେ ବାଦଶାହ ବା ମୀର୍ଜା ସାହେବଙ୍କ ପାଇଁ ସିଂହାସନ ନିର୍ମାଣ କରାଯାଇଥାଏ । ଅନ୍ୟ ତିନି ପାଖ ଦର୍ଶକମାନଙ୍କ ପାଇଁ ଉଦ୍ଦିଷ୍ଟ । ହିନ୍ଦୁ ମୁସଲମାନ ସଂସ୍କୃତିର ମିଳନର ସାକ୍ଷ୍ୟ ହେଉଛି ମୋଗଲ ତାମସା । ମୋଗଲ ଶାସନର ଶେଷ ଅବସ୍ଥାର ଶାସନ ପ୍ରଣାଳୀକୁ ନାଟକୀୟ ଭାବରେ ଏହି ତାମସାରେ ରୂପ ଦିଆଯାଇଛି । ମୋଗଲମାନଙ୍କର ଶାସନ ପଦ୍ଧତି, ସେହି ସମୟର ଲୋକମାନଙ୍କର ସାମାଜିକ, ଅର୍ଥନୈତିକ, ଭୌଗୋଳିକ ଓ ଆଧ୍ୟାତ୍ମିକ ତଥ୍ୟଗୁଡିକୁ ସଂଯୋଗ କରି ଉର୍ଦ୍ଦୁ, ଫାର୍ସି, ଓଡିଆ, ବଂଗଳା ଓ ହିନ୍ଦୀ ଭାଷାରେ ଏହା ରଚନା କରାଯାଇଛି ।

ମୋଗଲ ତାମସାରେ ବହୁ ଚରିତ୍ର ଥିଲେ ହେଁ ବାଦଶାହ ବା ମୀର୍ଜା ସାହେବ, ସେବାକାରୀଗଣ ଓ ଜମିଦାର ମୁଖ୍ୟ ଚରିତ୍ର । ଏହାର ଏକ ଅନନ୍ୟତା ହେଲା ହିନ୍ଦୁ ମୁସଲମାନ ଉଭୟ ସଂପ୍ରଦୟରୁ ଏଥିରେ ଚରିତ୍ରମାନେ ଅଂଶଗ୍ରହଣ କରିଥାନ୍ତି । ମୀର୍ଜା ସାହେବ ବେଶ୍ ଆଭିଜାତ୍ୟପୂର୍ଣ୍ଣ ବେଶଭୂଷାରେ ସଜ୍ଜିତ ହୋଇଥାନ୍ତି । ପୋଷାକ ପତ୍ରରେ ବେଶୀ ପରିମାଣରେ ସତର୍କତା ଅବଲମ୍ବନ କରାଯାଇଥାଏ । କାରଣ ବିଭିନ୍ନ ଧର୍ମାବଲମ୍ବୀ ଚରିତ୍ରର ସମାଗମ ଏଥିରେ ହୋଇଥାଏ ଓ ଧନୀ-ଦରିଦ୍ର, ଉଚ୍ଚ-ନୀଚ ବିଭିନ୍ନ ଧରଣର ଲୋକ ଏଥିରେ ଅଭିନୟ କରିଥାନ୍ତି । ଏହା ସହ ଏକ ମିଶ୍ର ଭାଷା ପରିଲକ୍ଷିତ ହୋଇଥାଏ । ପ୍ରଥମେ ଝାଡୁଦାର ଆସି ବଂଗଳା ଭାଷାରେ ବକ୍ତବ୍ୟ ଆରଂଭ କରେ । ଯଥା-

ଆମି ଛିଲାମ ଗୁମେର ଘରେ, ଝାଡୁ ରହିଲ ବାଲିଶ ପରେ

ମେର୍ଯ୍ୟା କି ବଲବେ ମୋରେ ରକ୍ଷା କର ରକ୍ଷା କର

ଛୋଡ ଆୟା ଦିଲ କୀ ପ୍ୟାରୀ, ରୋତା ହଏ ନଏନା ହମାରୀ

କିୟା ଜିଗର କି ବାରୀ ଦିଲଭି ହୁଆ ପାରା ପାରା

କ୍ୟା ମଜା ତୋଡା ମେରା ।

ଏହାପରେ ମୀର୍ଜା ସାହେବ ସମସ୍ତଙ୍କୁ ନମସ୍କାର କରି ମଂଚକୁ ଆସନ୍ତି । ତାଂକ ପାଇଁ ଉଦ୍ଦିଷ୍ଟ ସିଂହାସନରେ ବସନ୍ତି । ତାଂକୁ ବିଭିନ୍ନ ଉପାୟରେ ସମ୍ମାନ ଜଣାଯାଏ । ତାଂକର ସମସ୍ତ ସେବାକାରୀମାନେ ତାଂକୁ ନାନା ଉପାୟରେ ସେବାରେ ସନ୍ତୁଷ୍ଟ କରିବାରେ ଲାଗିପଡନ୍ତି ଓ ନିଜ ନିଜର ଗୁହାରୀ ଜଣାନ୍ତି । ବେହେରାଣୀ ଗୁହାରୀ କରି କହେ-

ଅବଧାନ କି କହିବି ।

ତୋତେ ଆଶ କରି କପା ଚାଷ କରି, କପା ଚାଷ ଖଣ୍ଡି ମଲାରେ

ଯୋଗଣ୍ଡୀକି ଅଯୋଗ ପୁରୁଷ କହୁଁ କହୁଁ ଦି ଗଲାରେ

ଏ ନବ ଯୌବନ ବି ଅର୍ଥରେ ଗଲା, ଦଇବ ପୁରୁଷ ହଟିଆ,

ଏଇ କାଳେ ଭଲେ କାନ୍ତ ସଂଗେ ବେଳେ ସୁଖେଣ ନୋହିଲା ନଟିଆ

ହୀନ କରି ମୋତେ କିମ୍ପାଇ ଜଗତେ ବିଧାତା ଜନମ କଲା

କାନ୍ତ ସଂଗେ ରସ କେମନ୍ତ ହୁଅଇ ଦିନେତ ଚଖା ନୋହିଲା ।

ମୋଗଲ ତାମସାରେ ବିଭିନ୍ନ ହିନ୍ଦୁ ଦେବଦେବୀଙ୍କ ସ୍ତୁତି କରାଯାଇଥାଏ । ମୀର୍ଜା ସାହେବ ମଧ୍ୟ ଶିବଙ୍କ ସ୍ତୁତି କରନ୍ତି, ମାତ୍ର ସେଥିରେ ସାମାନ୍ୟ ଭୁଲ ଥିବାରୁ ହିନ୍ଦୁମାନେ ତାଂକୁ ନାନା କଟୁ କଥା କହନ୍ତି । ବିଶେଷକରି ଏଥିରେ ତୁମୁଳ ହଟ୍ଟଗୋଳ ବା ତାମସା ରହିଥିବାରୁ ଏହାକୁ ମୋଗଲ ତାମସା କୁହାଯାଏ ।

ପାଲା – ହିନ୍ଦୁ ମୁସଲମାନ ଉଭୟ ସଂସ୍କୃତିର ସମନ୍ୱୟ ହେଉଛି ପାଲା । ଏଥିରେ ସତ୍ୟପୀରଙ୍କ ପୂଜା କରାଯାଇଥାଏ । ପାଲାରେ ସଂସ୍କୃତ ଓ ବିଦଗ୍ଧ ସାହିତ୍ୟକୁ ସହଜ ଭାଷାରେ ଲୋକମାନଂକୁ ବୁଝାଇ ଦିଆଯାଇଥାଏ । ଏଥିରେ ଚରିତ୍ର ହିସାବରେ ଜଣେ ଗାୟକ, ଜଣେ ବାଦ୍ୟକାର, ଜଣେ ଶ୍ରୀପାଳିଆ ଓ ତିନିଜଣ ସାଧାରଣ ପାଳିଆ ଥାଆନ୍ତି । ଗାୟକ କୌଣସି ଏକ ବିଷୟବସ୍ତୁକୁ ଶ୍ଳୋକ ବା ଗୀତ ମାଧ୍ୟମରେ ବୋଲନ୍ତି ଓ ତାର ଅର୍ଥକୁ ମଧ୍ୟ ବ୍ୟାଖ୍ୟା କରନ୍ତି । ତାଂକ ଗୀତ ସହିତ ବାଦ୍ୟକାର ମୃଦଙ୍ଗ ତାଳ ଦିଅନ୍ତି । ପାଳିଆମାନେ ଗାୟକ ସହ ତାଳ ଦେଇଥାନ୍ତି । ଗାୟକର ବିଶ୍ରାମ ପାଇଁ ପାଳିଆ ଲଘୁ ହାସ୍ୟରସ ସୃଷ୍ଟି କରିବା ଉଦ୍ଦେଶ୍ୟରେ କିଛି ହାସ୍ୟକର ତଥ୍ୟ ପ୍ରଦାନ କରିଥାନ୍ତି । ମଝିରେ ମଝିରେ ବିଷୟ ଅନୁସାରେ ସେମାନେ ବିଭିନ୍ନ ଭୁମିକାରେ ଅଭିନୟ କରନ୍ତି ଓ ଦର୍ଶକମାନଂକୁ ମନୋରଂଜନ କରିଥାନ୍ତି । କିନ୍ତୁ ଏଥିରେ ଅଭିନୟର ମାତ୍ରା କମ୍ ।

ପାଲା କେବଳ ପୁରୁଷମାନେ ପରିବେଷଣ କରୁଥିଲେ । ସଂପ୍ରତି ନାରୀମାନେ ମଧ୍ୟ ପାଲା ପରିବେଷଣ କଲେଣି । କିଛି କ୍ଷେତ୍ରରେ କେବଳ ନାରୀ ଗାୟକ ସହ ପୁରୁଷ ପାଳିଆ ଓ

ବାଦ୍ୟକାରମାନେ ସାମିଲ ହୋଇଥାନ୍ତି ଏବଂ ଅନ୍ୟ କିଛି କ୍ଷେତ୍ରରେ ବାଦ୍ୟକାରକୁ ବାଦ୍ ଦେଲେ ଅନ୍ୟ ସମସ୍ତେ ମହିଳା । ଏବେ ପାଲାକୁ ନେଇ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି । ଏକାଧିକ ଦଳକୁ ନେଇ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥାଏ । ପରସ୍ପର ମଧ୍ୟରେ ପ୍ରଶ୍ନ ଉତର ମଧ୍ୟରେ ସେମାନଙ୍କର ପ୍ରତିଯୋଗିତା ହୁଏ ଓ ପରିଶେଷରେ କମିଟି ମାଧ୍ୟମରେ ପୁରସ୍କାର ଘୋଷଣା କରାଯାଇଥାଏ ।

ଘୋଡାନାଚ – ଚୈତ୍ର ପୂର୍ଣ୍ଣିମାରେ ଘୋଡାନାଚ ପାଳିତ ହୋଇଥାଏ । ବିଶେଷତଃ ଏହା କୈବର୍ତ୍ତ ବା କେଉଟ ସଂପ୍ରଦାୟର ଲୋକମାନଙ୍କ ଦ୍ୱାରା ପାଳନ କରାଯାଏ । ଏହାର ଆରାଧ୍ୟ ଦେବୀ ହେଲେ ବାସୁଳୀ । ରାତି ସମୟରେ ଏହି ନାଚ ହୋଇଥାଏ । ଘୋଡାର ମୁହଁକୁ ଧରି ବା ଘୋଡା ଆକୃତିର ଗୋଟେ ଖୋଳପା ଭିତରେ ପଶି ଜଣେ ପୁରୁଷ ଓ ଜଣେ ମହିଳା ହୋଇ ନାଚିଥାଏ । ପରସ୍ପର ମଧ୍ୟରେ ଗୀତରେ ପ୍ରଶ୍ନୋତର ମାଧ୍ୟମରେ ନୃତ୍ୟ ପରିବେଷଣ କରାଯାଇଥାଏ ।

ଗ୍ରାମଦେବତୀଙ୍କୁ ବନ୍ଦନା କରୁଛି ମୁଁ କରେଧରି ଅର୍ଘ୍ୟଥାଳି,

ଶୋଷରେ ମୋହର ଫିଟୁନାହିଁ ଗଳା ଡାକୁଛି ରଖ ବାସୁଳୀ ।

ଚଢେୟା ଚଢେୟାଣୀ ନାଟ – ଚଢେୟା ଚଢେୟାଣୀ ନାଟ ସାଧାରଣତଃ ଚଢେଇ ଧରି ଜୀବିକା ନିର୍ବାହ କରୁଥିବା ଶବର ବା କେଳା ଜାତିର ଲୋକମାନଙ୍କ ଦ୍ୱାରା ପରିବେଷିତ ହୋଇଥାଏ । ଏଥିରେ ସର୍ବମୋଟ ଚାରୋଟି ଚରିତ୍ର ଅଭିନୟ କରିଥାନ୍ତି ଏବଂ ପରସ୍ପର କଥୋପକଥନ ମାଧ୍ୟମରେ ଶ୍ରୋତାଂକ ମନୋରଂଜନ କରିଥାନ୍ତି । ଜଣେ ବାଦ୍ୟକାର, ଜଣେ ଚଉକିଆ ଓ ଚଢେୟା, ଚଢେୟାଣୀ । ବାଦ୍ୟକାରକୁ ମଉସା କୁହାଯାଏ ଓ ସେ ଏହି ନାଟକର ସୂତ୍ରଧର । ସେ ମଂଚ ଉପରକୁ ଆସନ୍ତି ନାହିଁ ମାତ୍ର ଚଢେୟା ଚଢେୟାଣୀଙ୍କ ମିଳନରେ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି । ଚଉକିଆ ଚରିତ୍ର ହାସ୍ୟରସ ସୃଷ୍ଟି କରିବାରେ ସହାୟକ ହୋଇଥାନ୍ତି । ପାତ୍ରୋପଯୋଗୀ ଚରିତ୍ର ଅନୁଯାୟୀ ପୋଷାକ ପିନ୍ଧିବାର ବ୍ୟବସ୍ଥା ରହିଛି । କେବଳ ମଉସା ମଂଚର ଅନ୍ତରାଳେ ରହୁଥିବାରୁ ସେ ସାଧାରଣ ପୋଷାକ ପିନ୍ଧିଥାନ୍ତି । ଆବଶ୍ୟକ ସ୍ଥଳେ ସେ ସଂଳାପ କହିଥାନ୍ତି । ବିଶେଷକରି ଶୃଙ୍ଗାର ରସ ଏହାର ମୁଖ୍ୟ ହେଲେ ହେଁ ହାସ୍ୟ ଓ କରୁଣ ରସର ପ୍ରୟୋଗ ଦେଖିବାକୁ ମିଳିଥାଏ ।

ଏହା କେଳା ପରି ନିମ୍ନ ଜନଜାତିର ଜୀବନର ପ୍ରତିଛବି । ସେମାନଙ୍କର ରୀତି-ନୀତି, ପରଂପରା, ବିବାହ, ଜନ୍ମ ସହ ବହୁ ସାମାଜିକ ଘଟଣା ଏଥିରେ ପ୍ରତିଫଳିତ ହୋଇଥାଏ । ଚଢେୟା ଚଢେୟାଣୀ ମଧ୍ୟରେ କଥୋପକଥନ ମାଧ୍ୟମରେ ଶୃଙ୍ଗାର ରସର ପରିବେଷଣ ହୋଇଥାଏ । ସ୍ୱାମୀ-ସ୍ତ୍ରୀ ମଧ୍ୟରେ ନିବିଡ ସଂପର୍କକୁ ଚଢେୟା ଚଢେୟାଣୀ ଚରିତ୍ର ମାଧ୍ୟମରେ ସୁଂଦର ଭାବେ ଉପସ୍ଥାପନ କରାଯାଇଛି । କୌଣସି ପରିସ୍ଥିତିରେ ଦୁଇଜଣ ହଜିଯାଇଛନ୍ତି ଓ ପରସ୍ପରକୁ ଖୋଜୁଛନ୍ତି । ଏହା ମାଧ୍ୟମରେ ସେମାନଙ୍କର ପରସ୍ପର ପ୍ରତି ଭଲପାଇବା ଓ ଅନ୍ତରିକତା ପ୍ରକାଶ ପାଇଥାଏ । ଚଢେୟାକୁ ନ ପାଇ ଚଢେୟାଣୀ ମଉସାକୁ ଚଢେୟାର ରୂପ ବର୍ଣ୍ଣନା ଦେଉଛି, ତାକୁ ଖୋଜିବାରେ ସାହାଯ୍ୟ କରିବାକୁ । ଚଢେୟାଣୀ କହୁଛି-

ଚଢେୟାଟି ମୋର ହସ, ଖୋଲିବ ବଚନ କୁଂଚିତ କେ, ମଉସା ଲୋ ।

ଚଢେୟାଟି ମୋର ଗୁଣୀ, କଂଧେ ନଳବିଡା ସେ ଗଦ ମଣି, ମଉସା ଲୋ ।

ସେହିପରି ଚଢେୟାକୁ ନ ପାଇ ଚଢେୟାଣୀ ହତାଶ ହୋଇ ତାର ଧରମ ଭାଇକୁ ସଂବୋଧନ କରି ବିଳାପ କରଛି । ଏହା ଅତ୍ୟନ୍ତ ମାର୍ମିକ ।

ଡେଙ୍ଗା ତାଳଗଛ ଦୂରକୁ ଛାଇ ଲୋ, ଧରମ ଭାଇ ।

ଆସେ ନାହିଁ ମୋତେ ଚାଉଳ ଧୁଇ ଲୋ, ଧରମ ଭାଇ ।

ଡେଙ୍ଗା ତାଳଗଛ ବାଇ ବରଡ, ଆସେ ନାହିଁ ମୋତେ ଶାଗ ଖରଡା ।

ଆଳୁ ପତରିଆ ମହତା ପାନ, ଆଉ ଦେଖିବି ନି ଜନମ ସ୍ଥାନ ଲୋ, ଧରମ ଭାଇ ।

ଚଢେୟାଣୀ ପରି ଚଢେୟା ମଧ୍ୟ ଚଢେୟାଣୀକୁ ନ ପାଇ ବ୍ୟାକୁଳ ହୋଇଛି । ସେ ମଧ୍ୟ ମଉସାର ସାହାଯ୍ୟ ନେଇଛି ଚଢେୟାଣୀକୁ ଖୋଜିବା ପାଇଁ । ମଉସା ପାଖରେ ସେ ଚଢେୟାଣୀ ରୂପର ବର୍ଣ୍ଣନା ଦେଇଛି । ପରିଶେଷରେ ଦୁଇଜଣଙ୍କ ମିଳନ ହୋଇଛି । ଏହିପରି ଭାବେ ଏମାନେ ବିଭିନ୍ନ ପ୍ରକାର କୌତୁକ ମାଧ୍ୟମରେ ଦର୍ଶକମାନଙ୍କର ମନୋରଂଜନ କରିଥାନ୍ତି ।  ମଉସା ଓ ଚଉକିଆ ଚରିତ୍ର ମଧ୍ୟ ଏହି ହାସ୍ୟ କୌତୁକ ସୃଷ୍ଟିରେ ଉପଯୁକ୍ତ ଯୋଗଦାନ କରିଥାନ୍ତି ।

ଆଲୋଚିତ ଲୋକନାଟକଗୁଡିକ ଭଦ୍ରକ ଅଂଚଳରେ ମୁଖ୍ୟତଃ ଦେଖିବାକୁ ମିଳିଥାଏ । ଏହା ବ୍ୟତୀତ ଭଦ୍ରକ ଅଂଚଳରେ ଅନ୍ୟାନ୍ୟ ଲୋକନାଟକ ମଧ୍ୟ ପ୍ରଦର୍ଶିତ ହୋଇଥାଏ । ଯେମିତିକି କଣ୍ଢେଇ ନାଚ, ଦାସକାଠିଆ, ସୁଆଙ୍ଗ ଇତ୍ୟାଦି ।

ଲୋକନାଟକ ଲୋକଜୀବନର ଅବିଚ୍ଛେଦ୍ୟ ଅଂଗ । କେବଳ ଲୋକମାନଂକୁ ମନୋରଂଜନ କରିବା ଏହାର ଉଦ୍ଦେଶ୍ୟ । ଆହୁରି ମଧ୍ୟ ଏହା ଦ୍ୱାରା ଲୋକମାନଂକ ମଧ୍ୟରେ ପାରସ୍ପରିକ ସଂପର୍କ ସୁଦୃଢ ହୋଇଥାଏ । ଓଡିଶାର ଅତୀତକୁ ବିହଂଗାଲୋକନ କଲେ ଏହାର ଏକ ସୁଦୃଢ ଲୋକ ପରଂପରା ସଂପର୍କରେ ଧାରଣା ହୁଏ । ଏହି ପରିପ୍ରେକ୍ଷୀରେ ଭଦ୍ରକ ଅଂଚଳର ଯେ ଏକ ବଳିଷ୍ଠ ଲୋକନାଟ୍ୟ ପରଂପରା ଥିଲା ତାହା ସ୍ପଷ୍ଟ ଜଣାପଡେ । ମାତ୍ର ଏହା ବର୍ତମାନ ଧୀରେଧୀରେ ଯେପରି ଅପସରି ଯାଉଛି ଆମ ସଭ୍ୟତା ଓ ସଂସ୍କୃତି ଠାରୁ । ସଂପ୍ରତି ମଣିଷ ଯେତେ ସଭ୍ୟ ଓ ଆଧୁନିକ ହେଉଛି ସେତେ ପରିମାଣରେ ସେ ଲୋକନାଟକ ଓ ଲୋକସଂସ୍କୃତି ଠାରୁ ଦୂରେଇଯାଉଛି । ବର୍ତମାନର ଯାତ୍ରା ଓ ସିନେମାକୁ ଲୋକମାନେ ଏହାର ବିକଳ୍ପ ଭାବେ ଗ୍ରହଣ କରିନେଲେଣି । ତେଣୁ ଲୋକନାଟକ ପରଂପରା ଧୀରେଧୀରେ ଶିଥିଳ ହୋଇଯାଉଛି । ଆଧୁନିକତାକୁ ଲୋକମାନେ ଯେତେ ପରିମାଣରେ ଗ୍ରହଣ କଲେ ବି ଲୋକନାଟକର ଆବେଦନ ସମସ୍ତଙ୍କୁ ଆଚ୍ଛନ୍ନ କରି ରଖିଛି ଓ ରଖିଥିବ ।